# ଆଦିବାସୀ ମେଳାର ପଞ୍ଚମ ସନ୍ଧ୍ୟା : ୩୦.୦୧.୨୦୧୦

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ପଞ୍ଚମ ସଂଧ୍ୟା । ଏହି ସଂଧ୍ୟାକୁ "ଶହୀଦ୍ ଦିବସ" ଭାବରେ ପାଳନ କରାଯାଇଛି । ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ଏହି ମେଳାରେ ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ବିଧାୟକ ଶ୍ରୀଯୁକ୍ତ ଭାଗିରଥି ବଡ଼ଜେନା, ବିଧାୟକ ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା ଓ ୪୬ନଂ ୱାର୍ଡ଼ର କର୍ପୋରେଟର ଶ୍ରୀମତୀ ମଞ୍ଜୁଲତା ପ୍ରଧାନ ଯୋଗ ଦେଇଥିଲେ ।

ମେୟର ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା କହିଲେ ଯେ - କେବଳ ଭୁବନେଶ୍ୱର ନୁହେଁ, ଏହାର ଆଖପାଖର ଜନସାଧାରଣ ଏହି ମେଳା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି । ସାଂସ୍କୃତିକ ମିଳନର ଏହି ପୃଷ୍ଠଭୂମିରେ ଆଦିବାସୀ ଓଡ଼ିଶାକୁ ଚିହ୍ନିବା ପାଇଁ ଏହା ଏକ ସାଧୁ ପ୍ରୟାସ । ଏବର୍ଷ ମେଳାର ସ୍ୱାତନ୍ତ୍ର୍ୟ ସଂପର୍କରେ ସୂଚନା ଦେଇ ସେ ଆଦିବାସୀ ପିଲାଙ୍କର ପ୍ରତିଭାକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତର ଏକ ସମୃଦ୍ଧ ଓଡ଼ିଶାର ଆଶାରେ ନିଜ ବକ୍ତବ୍ୟ ଶେଷ କରିଥିଲେ ।

ବିଧାୟକ ଶ୍ରୀଯୁକ୍ତ ଭାଗିରଥି ବଡ଼ଜେନା କହିଲେ ଯେ - ଏହି ମେଳାର ମହତ ପରଂପରା ରହିଛି । ଏପରିକି ଭୁବନେଶ୍ୱରର ସାଲିଆ ସାହିରେ ମଧ୍ୟ ଏହି ମେଳାର ଜୀବନ୍ତ ରୂପ ବିଦ୍ୟମାନ । ଏହି ପରବ ବଢ଼ତି ରହୁ । ଏହାର ଉତ୍କର୍ଷତା ଦିନକୁ ଦିନ ପ୍ରତିପାଦିତ ହେଉ ଏବଂ ଏହି ମେଳାକୁ ସମସ୍ତେ ମିଳିମିଶି ସଫଳ କରିବା ସହ ବକ୍ତବ୍ୟ ଶେଷ କରିଥିଲେ ।

ବିଧାୟକ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା କହିଲେ ଯେ -ଅଗଣିତ ଜନତାଙ୍କର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ସଂସ୍କୃତି ଓ ପୂଜା ପରଂପରା ଆଦିବାସୀ ସଂସ୍କୃତି ସହିତ ଅନ୍ତରଙ୍ଗ ଭାବେ ଜଡ଼ିତ । ଜନଜାତିମାନେ ମାନବ ଜାତିର ସଂପଦ । ପ୍ରାଚୀନ ଭାରତର ସଂସ୍କୃତି ଆଦିବାସୀ ସଂସ୍କୃତି ଆର୍ଯ୍ୟ ଅନୁଗମନ ପରେ ମଧ୍ୟ ମଳିନ ପଡ଼ିନାହିଁ । ସଂଘର୍ଷ ସତ୍ତ୍ୱେ ସେମାନେ ବର୍ତ୍ତମାନ ବିକାଶପଥରେ ଆଗେଇ ଚାଲିଛନ୍ତି । ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଆଦିବାସୀମାନେ କ୍ରମୋନ୍ନତ ହେବାରେ ଲାଗିଛନ୍ତି । ବର୍ତ୍ତମାନ ଏହି ସଂସ୍କୃତିର ସଂରକ୍ଷଣ ଦିଗରେ ଗୁରୁତ୍ୱାରୋପ କରାଗଲେ ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠିତ ହେବ ଏବଂ ଆଦିବାସୀମାନଙ୍କର ସାମାଜିକ ଦାୟିତ୍ୱବୋଧ ଆହୁରି ଉନ୍ନତତର ହେବ ଏହି କାମନା ସହ ସେ ବକ୍ତବ୍ୟ ସାଙ୍ଗ କରିଥିଲେ ।

ବିଧାୟକ ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି କହିଲେ ଯେ - ଏହି ମେଳାରେ ଆଦିବାସୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ଚାହିଦା ବହୁତ ରହିଛି । ସେମାନଙ୍କର ଶୈକ୍ଷିକ ବିକାଶ ସେତେଟା ନହୋଇଥିଲେ ମଧ୍ୟ ସେମାନେ ପଛରେ ନାହାନ୍ତି । ଏହି ବିକାଶର ଧାରା ଠିକ୍ ଭାବରେ ଜାରି ରହିଲେ ଆଦିବାସୀମାନଙ୍କ ଜୀବନ ଶୈଳୀ ସାଧାରଣବର୍ଗ ସହିତ ସମକକ୍ଷ ହୋଇପାରିବ ।

କର୍ପୋରେଟର ଶ୍ରୀମତୀ ପ୍ରଧାନ ତାଙ୍କ ବକ୍ତବ୍ୟରେ - ମେଳାର ମହତ୍ୱ ପ୍ରକାଶକରି ଏହି ମେଳାକୁ ତାଙ୍କ ମେଳା ଭାବରେ ଅଭିହିତ କରି ବିଶ୍ୱ ଦରବାରରେ ପରିଚିତ କରାଗଲେ ଏହାର ମହତ୍ୱ ବୃଦ୍ଧି ହେବାର ଆଶା ପୋଷଣ କରିଥିଲେ ।

ଏହା ପରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇ ଜାତିର ପିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।